




Funded by

USAID
FROM THE AMERICAN PEOPLE

BILL & MELINDA GATES foundation

Partners

CIMMYT
International Maize and Wheat Improvement Center

IFPRI

IRRI


CSISA



# ଓଡ଼ିଶାରେ ବିହନ ଓ ସାର ବୁଣା ଯନ୍ତ୍ର ଯୋଗେ ଧାନବୁଣା ଉପରେ କେତେକ ତଥ୍ୟ

# ଓଡ଼ିଶାରେ ବିହନ
# ଓ
# ସାରବୁଣା ଯନ୍ତ୍ର
# ଯୋଗେ ଧାନବୁଣା
# ଉପରେ କେତେକ ତଥ୍ୟ

Funded by

USAID FROM THE AMERICAN PEOPLE

BILL & MELINDA GATES foundation

Partners

CIMMYT International Maize and Wheat Improvement Center

IFPRI

IRRI

ଶସ୍ୟଜାତୀୟ ଫସଲ ଉତ୍ପାଦନର ତ୍ୱରାନିତ ବିକାଶ ଏବଂ ତା ଦ୍ୱାରା ବଙ୍ଗଳାଦେଶ, ଭାରତ ଓ ନେପାଳର ଚାଷୀଭାଇମାନଙ୍କର ଖାଦ୍ୟ ନିରାପତ୍ତା ଓ ଜୀବନ ଜିବିକା ପାଇଁ ସିଶାର ଏହା ଉଦ୍ୟମ।

ସରକାରୀ-ବେସରକାରୀ ସଂସ୍ଥା ସହିତ ମିଶି ସିଶା (CSISA) ସାଧନ ସଂରକ୍ଷଣ ଏବଂ ଜଳବାୟୁ ପ୍ରତିରୋଧକ ଶକ୍ତି କୃଷି ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଉପରେ କାର୍ଯ୍ୟ କରୁଅଛି।

ୟୁଏସ୍ଏଡ୍ (USAID) ଓ ବିଏମ୍‌ଜିଏଫ୍ (BMGF) ଦ୍ୱାରା ସାହାଯ୍ୟ ପ୍ରାପ୍ତ ଏହି ପ୍ରକଳ୍ପଟି ଆନ୍ତର୍ଜାତିକ ଗହମ ଉନ୍ନୟନ କେନ୍ଦ୍ର (CIMMYT) ର ତତ୍ତ୍ୱାବଧାନରେ ଏବଂ ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା କେନ୍ଦ୍ର (IFPRI) ଓ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ର (IRRI) ର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଅଛି।

www.csisa.org
email: cimmyt-csisa@cgiar.org

**ସଂକଳନ:** ପ୍ରୀତି ଭାରତୀ, ଅଶୋକ ଯାଦବ, ଅମିତ୍ ମିଶ୍ର, ନାରାୟଣ ଚନ୍ଦ୍ର ବାରିକ, ବିବେକ କୁମାର, ସୁଧିର ଯାଦବ, ବୀରେନ୍ଦ୍ର କୁମାର, ଶୀତଲ ଶର୍ମା ଓ ସୁଧାଂଶୁ ସିଂହ ।

# ୨୦୧୬

© ଏହି ପ୍ରକାଶନ ସିରିଏଲ ସିଷ୍ଟମ୍ସ ଇନିସିଏଟିଭ ଫର ସାଉଥ ଏସିଆ (CSISA) ଫେଜ ୨ ଦ୍ୱାରା ପ୍ରସ୍ତୁତ । ଆନ୍ତର୍ଜାତୀୟ ମକା ଓ ଗହମ ଉନ୍ନୟନ୍ କେନ୍ଦ୍ର (CIMMYT) ଏବଂ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (IRRI) ୨୦୧୬ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ । ଅଣବ୍ୟବସାୟିକ ଭାଗିଦାରିତା ଭିତ୍ତିରେ ସାଧାରଣଙ୍କ ସୃଜନଶୀଳ ଅବଦାନ ନିମନ୍ତେ ବ୍ୟବହାର ପାଇଁ ଲାଇସେନ୍ସ ପ୍ରାପ୍ତ ।

ଏହି ପ୍ରକାଶନରେ ପ୍ରଦତ୍ତ ତଥ୍ୟ ବିବରଣୀ ଓ ମତାମତ କୌଣସି ଦେଶ, ବ୍ୟକ୍ତି, ଭୂଭାଗ ବା ଅଞ୍ଚଳ, କର୍ତ୍ତୃପକ୍ଷ ବା କୌଣସି ସୀମା ସମ୍ପର୍କିତ ଆଇନଗତ ସ୍ଥିତି ବିଷୟରେ ଉଲ୍ଲେଖ କରୁଥିଲେ ତାହାକୁ ସିମିଟ ବା ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମତାମତ ବୋଲି ଗ୍ରହଣ କରାଯିବ ନାହିଁ । କୌଣସି ଉତ୍ପାଦର ବ୍ୟବସାୟିକ ନାମ ପ୍ରଦାନ କରାଯାଇଥିଲେ, ଏହାକୁ ସିମିଟ ବା ଆନ୍ତର୍ଜାତୀକ ଧାନ ଗବେଷଣା ପ୍ରତିଷ୍ଠାନର ସୁପାରିଶ ବା କୌଣସି ଉତ୍ପାଦ ବିରୁଦ୍ଧରେ ପକ୍ଷପାତିତା ବୋଲି ଭାବିବାକୁ ହେବ ନାହିଁ । ଏହି ପ୍ରକାଶନର ପ୍ରଥମ ମୁଦ୍ରଣ ୨୦୧୫ ଏବଂ ପୁନଃ ମୁଦ୍ରଣ ୨୦୧୬ ରେ ହୋଇଅଛି ।

# ସୂଚୀପତ୍ର


୧.	ପାରମ୍ପରିକ ଉପାୟରେ ଧାନବୁଣା

୨.	ଛଟା ବୁଣାର ଅପକାରିତା

୩.	ଧାନବୁଣିବା ପଦ୍ଧତି

୪.	ବିହନ ଓ ସାରବୁଣା ଯନ୍ତ୍ର ବ୍ୟବହାର କରି ଶୁଷ୍କ ଧାନବୁଣାର ଉପକାରିତା

୫.	ଉପଯୁକ୍ତ ମୃତ୍ତିକା, ଜମି ପ୍ରସ୍ତୁତି ଓ ବିହନ ନିର୍ବାଚନ

୬.	ବିହନ ବିଶୋଧନ

୭.	ଖାଦ୍ୟସାର ପରିଚାଳନା

୮.	ଅନାବନା ଘାସ ପରିଚାଳନା

୯.	କୀଟ ପରିଚାଳନା

୧୦.	ରୋଗ ପରିଚାଳନା

୧୧.	ବୁଣିବା ପାଇଁ ଯନ୍ତ୍ରପାତି

୧୨.	ବିହନ ମିଟରିଂ ବ୍ୟବସ୍ଥା ଓ ବିହନ ବୁଣା ଯନ୍ତ୍ରର କ୍ରମାଙ୍କନ

୧୩.	ଯନ୍ତ୍ରର ରକ୍ଷଣାବେକ୍ଷଣ

୧୪.	ଯନ୍ତ୍ରପାତି ସାଇତିବା ଓ ସମସ୍ୟାର ସମାଧାନ

୧୫.	ଶୁଷ୍କ ବୁଣାଧାନର ସାଧାରଣ ସମସ୍ୟା

# ପାରମ୍ପରିକ ଉପାୟରେ ଧାନବୁଣା

ଓଡ଼ିଶାରେ ସାଧାରଣତଃ ଧାନ ଛଟାବୁଣା କରାଯାଇଥାଏ । ବୁଣିବାର ୩୫-୪୦ ଦିନ ପରେ ବେଉଷଣ କରାଯାଏ । ଏଥିପାଇଁ ଧାନ କିଆରୀରେ ହଳ ବୁଲାଯାଇ ଗଛ ସଂଖ୍ୟା କମାଇବା ସହିତ ଘାସ ଦମନ କରାଯାଇଥାଏ ।





## ଛଟାବୁଣାର ଅପକାରିତା



- ସବୁଆଡେ ସମାନ ଭାବେ ବିହନ ପଡିନଥାଏ ।
- ପକ୍ଷୀମାନଙ୍କ ଦ୍ୱାରା ବିହନ ନଷ୍ଟ ହୁଏ ।
- ସବୁଆଡେ ସମାନ ଗଛ ହୋଇନଥାଏ ।
- ଅଧିକ ପରିମାଣରେ ବିହନ ଦରକାର ହୋଇଥାଏ ।
- ଉପଯୁକ୍ତ ଭାବେ ସାର ପ୍ରୟୋଗ କରାଯାଇପାରେ ନାହିଁ ।
- ଉପଯୁକ୍ତ ଗଭୀରତାରେ ବିହନ ପଡି ନଥାଏ ।
- ଅଧିକ ଘାସ ହୋଇଥାଏ ।
- ଅନ୍ତଃଋଷ କରିବାରେ ଅସୁବିଧା ହୁଏ ।
- ଅଧିକ ରୋଗପୋକ ଆକ୍ରମଣ ହୋଇଥାଏ ।
- ରୋଗପୋକ ଦମନ କରିବାରେ ଅସୁବିଧା ହୋଇଥାଏ ।

**ଫଳରେ ଅମଳ କମିଯିବା ସହିତ ଲାଭ ପରିମାଣ ହ୍ରାସ ପାଇଥାଏ ।**

# ସିଧାସଳଖ ଧାନବୁଣିବା ପଦ୍ଧତି

ତଳି ପ୍ରସ୍ତୁତି ଏବଂ ରୁଆ କାର୍ଯ୍ୟ ନ କରି ସିଧାସଳଖ ଧାନ ବିହନକୁ ମୁଖ୍ୟ ଜମିରେ ବୁଣିବାକୁ ବୁଣାଧାନ ଚାଷ କରନ୍ତି । ଏହା ଦୁଇ ପ୍ରକାରରେ କରାଯାଇଥାଏ ।

| ଶୁଷ୍କ ବୁଣା | ଆର୍ଦ୍ର ବୁଣା |
| --- | --- |
| • ଛଟା ବୁଣା କରିବା | • ଛଟା ବୁଣା କରିବା |
| • ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ବୁଣିବା | • ଡ୍ରମ୍ ସିଡର ସାହାଯ୍ୟରେ ବୁଣାଯିବା |





## ବିହନ ଓ ସାର ବୁଣା ଯନ୍ତ୍ର ବ୍ୟବହାର କରି ଶୁଷ୍କ ଧାନବୁଣାର ଉପକାରିତା ।

- କମ ବିହନ ଦରକାର ହୁଏ
- ଉପଯୁକ୍ତ ଗଭୀରତାରେ ବିହନ ବୁଣାଯାଏ
- ଧାଡି ଧାଡି ମଧ୍ୟରେ ସମାନ ବ୍ୟବଧାନ ରହେ
- ମାଟି ସହିତ ବିହନ ଭଲଭାବେ ସଂଯୋଗ ହେବାରୁ ଭଲ ଭାବେ ଗଜା ହୋଇଥାଏ ।
- ମୂଳସାର ହିସାବରେ ଡିଏପି ସାରକୁ ମାଟି ଭିତରେ ପ୍ରବେଶ କରାଇବା ସମ୍ଭବ ହୁଏ ।
- ଅନ୍ତଃଗୃଷ କରିବା ଓ ରୋଗପୋକ ଦମନରେ ସୁବିଧା ହୋଇଥାଏ ।

- ଛଟାବୁଣା ତୁଳନାରେ ଅଧିକ ଅମଳ ହୁଏ ଓ ଅଧିକ ଲାଭ ମିଳେ
- ରୁଆଧାନ ତୁଳନାରେ କମ ମଜୁରୀ ଦରକାର ହୋଇଥାଏ ।
- ଏହା ପରିବେଶ ଅନୁକୂଳ ଅଟେ ।

- ସେବା ପ୍ରଦାନକାରୀ ଭାବେ ଆରମ୍ଭ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିଥାଏ ।

# ଶୁଷ୍କ ବୁଣା ଧାନ

## ଉପଯୁକ୍ତ ମୃତ୍ତିକା

ଦୋରସା ମାଟିରୁ ଆରମ୍ଭ କରି ମଟାଳ ମାଟି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଜମିରେ ଶୁଷ୍କ ବୁଣାଧାନ ଚାଷ କରାଯାଇପାରିବ । ତେବେ ବାଲିଆ ଏବଂ ସନ୍ତସନ୍ତିଆ ସ୍ଥାନରେ ଏହି ପଦ୍ଧତିରେ ଚାଷ କରିବା ଉଚିତ୍ ନୁହେଁ ।

## ଜମି ପ୍ରସ୍ତୁତି

| କାର୍ଯ୍ୟ | ଯନ୍ତ୍ରପାତି/ଉପକରଣ |
|---|---|
| ପ୍ରାରମ୍ଭିକ ହଳ (ମାଟି ସହ ବିହନର ଉତ୍ତମ ସଂଯୋଗ ନିମନ୍ତେ ୫-୧୦ ସେ.ମି. ଗଭୀରତା ପର୍ଯ୍ୟନ୍ତ ଗୁଣ୍ଡ ଚାଷ କରିବା ଉଚିତ୍ ।) | ଚାରି ଚକ ବା ଦୁଇ ଚକ ବିଶିଷ୍ଟ ଟ୍ରାକ୍ଟର ମୋଡ ପତ୍ର ଲଙ୍ଗଳ ବା ଡିସ୍କ ପ୍ଲାଓ ବା ରୋଟାଭେଟର । |
| ସମତୁଲ କରିବା | ଲେଜର ଲ୍ୟାଣ୍ଡ ଲେଭଲର/ପଟା/ମଇ |
| ପରବର୍ତ୍ତୀ ହଳ କରିବା | ଡିସ୍କ ଏବଂ ପେଗଟୁଥ ହାରୋ/କଲଟିଭେଟର/ ରୋଟାଭେଟର |

ମଟାଳ ମାଟିରେ ଜଳସେଚନ (ବା ବୃଷ୍ଟିପାତ) ପରେ ବିହନ ବୁଣିଲେ ଏହି ପଦ୍ଧତିରେ ଭଲ ଗଛ ହୋଇଥାଏ । ଦୋରସା ମାଟି ହୋଇଥିଲେ ବୁଣିବା ପରେ ଜଳସେଚନ (ବା ବୃଷ୍ଟିପାତ) କଲେ ଅଧିକ ସୁଫଳ ମିଳିଥାଏ ।

## ବିହନ ନିର୍ବାଚନ

| ଋତୁ | ଅଞ୍ଚଳ | ବିହନର ନାମ |
|---|---|---|
| ଖରିଫ | ଉପକୂଳ ଅଞ୍ଚଳ | ସ୍ୱର୍ଣ୍ଣ ସବ-୧ (ଧଳା ସ୍ୱର୍ଣ୍ଣ), ସ୍ୱର୍ଣ୍ଣ (ନାଲି ସ୍ୱର୍ଣ୍ଣ), ରାଣୀ ଧାନ, ପୂଜା, ପ୍ରତୀକ୍ଷା, ଶାରଳା, ସିଆର ୧୦୦୯, ସିଆର ୧୦୧୮ |
| ଖରିଫ | ମାଳଭୂମି ଅଞ୍ଚଳ | ସହଭାଗୀ ଧାନ, ଲଲାଟ, ବିନା-୧୧, ଡି ଆର ଆର-୪୨ |

# ବିହନ ବିଶୋଧନ

ବିହନକୁ ରୋଗପୋକ ଆକ୍ରମଣରୁ ସୁରକ୍ଷିତ ରଖିବା ଓ ବିହନ ବାହିତ ରୋଗ ଦାଉରୁ ରକ୍ଷା କରିବା ପାଇଁ ବିହନ ବିଶୋଧନ କରାଯାଇଥାଏ ।

## ବିହନ ବିଶୋଧନ ପାଇଁ ପଦକ୍ଷେପ

- କବକନାଶକ ମିଶା ପାଣିରେ ବିହନକୁ ୧୦-୧୨ ଘଣ୍ଟା ଭିଜାନ୍ତୁ ।
- ବ୍ୟବହାର କରାଯାଉଥିବା କବକନାଶକ: ପ୍ରତି କିଲୋଗ୍ରାମ ବିହନ ପାଇଁ ୧ ମି.ଲି. ଟେବୁକୋନାଜଲ-ରାକସିଲ୍ ଇଜି ବା ୧ ଗ୍ରାମ କାର୍ବେଣ୍ଡାଜିମ୍- ବାଭିଷ୍ଟିନ ।
- ପ୍ରତି କିଲୋଗ୍ରାମ୍ ବିହନ ପାଇଁ ୩ ମି.ଲି. ଇମିଡାକ୍ଲୋପ୍ରିଡ୍ ଗାଉକୋ ୩୫୦ ଏଫଏସକୁ ଏକାକୀ ବା ୦.୩ ମି.ଲି. ଟେବୁକୋନାଜଲ-ରାକ୍ସିଲ ଇଜି ସହିତ ମିଶାଇ ବ୍ୟବହାର କଲେ ମୃତ୍ତିକା ବାହିତ କବକ ବା ଉଇ ପରି କୀଟ ଦମନ କରାଯାଇ ପାରିବ ।
- ପ୍ରତି କିଲୋଗ୍ରାମ ବିହନ ସହିତ ୨ ଗ୍ରାମ ହିସାବରେ ଭିଟାଭାକ୍ସ ପାଓ୍ୱାର ମିଶାଇ ବିଶୋଧନ କରାଯାଇପାରେ ।
- ଭିଜାଇବା ପରେ ବିହନକୁ ଦ୍ରବଣରୁ ବାହାର କରନ୍ତୁ ।
- ୧-୨ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଶୁଖାନ୍ତୁ ।

**ଶୁଖିଲା ଅବସ୍ଥାରେ ବୁଣିବା ପାଇଁ ବା ଖୋପଯୁକ୍ତ ରୋଲର ଥିବା ବିହନ ବୁଣା ଯନ୍ତ୍ରରେ ବୁଣିବା ପାଇଁ ପାଣିରେ ଭିଜିଥିବା ବିହନ ବ୍ୟବହାର କରନ୍ତୁ ନାହିଁ । ଶୁଖିଲା ଜମିରେ ବୁଣିବା ନିମନ୍ତେ ପ୍ରତି କିଲୋଗ୍ରାମ ବିହନ ସହିତ ୧୫ ମି.ଲି. ଜଳ ମିଶାଇ ଏସବୁ ଔଷଧ ଦ୍ୱାରା ବିଶୋଧନ କରନ୍ତୁ ।**

**ଭଲ ବିହନରୁ ଭଲ ଗଜା ହୁଏ ଓ କିଆରୀରେ ଉପଯୁକ୍ତ ସଂଖ୍ୟାରେ ଗଛ ରହିଥାଏ ।**






# ବୁଣିବାବେଳେ ମନେ ରଖନ୍ତୁ

| ବିହନର ମାନ | ବିହନର ପରିମାଣ | ବୁଣିବା ଗଭୀରତା | ଧାଡିକୁ ଧାଡି ବ୍ୟବଧାନ | ବୁଣିବା ସମୟ | |
|---|---|---|---|---|---|
| ବୁଣିବା ପାଇଁ ପ୍ରମାଣିକୃତ ବିହନ ବ୍ୟବହାର କରନ୍ତୁ । | ଏକର ପ୍ରତି ୧୨-୧୬ କି.ଗ୍ରା | ପ୍ରାୟ ୨-୩ ସେ.ମି. ଗଭୀରତାରେ ବିହନ ବୁଣିବା ଉଚିତ୍ | ୨୦-୨୫ ସେ.ମି. * | ଖରିଫ : ମେ ୧୫ ରୁ ଜୁନ୍ ୨୫ ତାରିଖ | ରବି: ଜାନୁଆରୀ ୧୦-୨୫ ତାରିଖ ମଧ୍ୟରେ |

*କୋନୋୱିଡର ବା ଶକ୍ତିଚାଳିତ ୱିଡର ବ୍ୟବହାର କରିବାକୁ ଥିଲେ ଅଧିକ ବ୍ୟବଧାନ ରଖନ୍ତୁ ।

# ଖାଦ୍ୟସାର ପରିଚାଳନା

- ମୃତ୍ତିକାର ଉର୍ବରତା ଓ ଫସଲ କିସମ ଉପରେ ନିର୍ଭର କରି ସାର ପ୍ରୟୋଗ ପରିମାଣ ନିର୍ଦ୍ଧାରିତ ହୋଇଥାଏ ।
- ସାଧାରଣ ଭାବେ ହେକ୍ଟର ପ୍ରତି ୮୦ ରୁ ୧୦୦ କି.ଗ୍ରା ଯବକ୍ଷାର, ୪୦ କି.ଗ୍ରା ଫସଫରସ ଓ ୪୦ ରୁ ୬୦ କି.ଗ୍ରା ପଟାସ ସାର ପ୍ରୟୋଗ କରାଯାଇଥାଏ ।
- ହେକ୍ଟର ପ୍ରତି ୨୫ କି.ଗ୍ରା ଜିଙ୍କ ସଲଫେଟ୍ ପ୍ରୟୋଗ କରିବାକୁ ହେବ । ୟୁରିଆକୁ ୩ ଦଫାରେ ଓ ପଟାସକୁ ୨ ଦଫାରେ ପ୍ରୟୋଗ କରାଯିବ (ନିମ୍ନ ସାରଣୀ ଦେଖନ୍ତୁ)
- ସାର ଓ ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ମୂଳସାର ଭାବେ ଡିଏପି ପ୍ରୟୋଗ କରିବା ଉଚିତ୍ ।
- କିସମ ଓ ଜମିର ଆବଶ୍ୟକତା ଅନୁସାରେ ରାଇସ କ୍ରପ୍ ମ୍ୟାନେଜର ହିସାବ ଅନୁସାରେ ଖାଦ୍ୟସାର ପ୍ରୟୋଗ କରିବା ଭଲ । ଏହି ପ୍ରୋଗ୍ରାମଟି (http://webapps.irri.org/in/od/rcm) ରେ ଉପଲବ୍ଧ ଅଛି ।

| ସାରର ନାମ | ସାର ପରିମାଣ (କିଗ୍ରା/ଏକର) | | | |
|---|---|---|---|---|
| | ବୁଣିବାବେଳେ | ବୁଣିବାର ୧୫-୨୫ ଦିନ ପରେ | ପିଲ ହେବା ବେଳେ | ଥୋଡ ହେବା ବେଳେ |
| ଡିଏପି | ୩୫ | - | - | - |
| ୟୁରିଆ | - | ୨୦* (ମଧ୍ୟମ ଓ ବିଳମ୍ବ କିସମ ପାଇଁ) | ୩୦-୩୫ | ୩୦-୩୫ |
| ମ୍ୟୁରେଟ ଅଫ ପଟାସ | ୧୫-୨୦ | - | - | ୧୫-୨୦ |
| ଜିଙ୍କ ସଲଫେଟ | ୧୦ | - | - | - |

* ପ୍ରଥମ ଜଳସେଚନ ବା ଅଳ୍ପ ବୃଷ୍ଟିପାତ ବେଳେ ପ୍ରୟୋଗ କରିବା ଉଚିତ୍ ।

କିସମ ଅନୁସାରେ ପିଲ ଅବସ୍ଥା ଓ ଥୋଡ ଅବସ୍ଥା ଭିନ୍ନ ଭିନ୍ନ ସମୟରେ ହୋଇଥାଏ । ସଅଳ କିସମ ପାଇଁ (୧୧୫-୧୨୦ ଦିନ) ବୁଣିବାର ୨୫-୩୦ ଦିନ ପରେ ପିଲ ଅବସ୍ଥା ଓ ୪୩-୪୭ ଦିନ ପରେ ଥୋଡ ଅବସ୍ଥା; ମଧ୍ୟମ କିସମ (୧୩୦-୧୩୫ ଦିନ) ପାଇଁ ବୁଣିବାର ୩୧-୩୫ ଦିନ ପରେ ପିଲ ଅବସ୍ଥା ଓ ୫୫-୫୭ ଦିନ ପରେ ଥୋଡ ଅବସ୍ଥା ଏବଂ ବିଳମ୍ବ କିସମ (୧୪୫-୧୫୫ ଦିନ) ପାଇଁ ବୁଣିବାର ୪୧-୪୫ ଦିନ ପରେ ପିଲ ଅବସ୍ଥା ଓ ୭୩-୭୭ ଦିନ ପରେ ଥୋଡ ଅବସ୍ଥା ଆସିଥାଏ ।

# ଅନାବନା ଘାସ ପରିଚାଳନା

## ୧. କର୍ଷଣ ପଦ୍ଧତି

**କ) ସଢ଼ା ପଟାଳି (Stale bed):** ଏହି ପଦ୍ଧତିରେ ଜମି ପ୍ରସ୍ତୁତି ପରେ ଜଳସେଚନ କରି କିଆରୀକୁ ସେମିତି କେତେ ସପ୍ତାହ ପାଇଁ ଛାଡି ଦିଆଯାଏ । ଘାସ ଗଛ ଉଠି ସାରିବା ପରେ ଏଥିରେ ସର୍ବମାରୀ ଘାସମରା ଔଷଧ (ହେକ୍ଟର ପ୍ରତି ୧ କି.ଗ୍ରା ଗ୍ଲାଇଫୋସେଟ୍ କିମ୍ବା ୦.୫ କି.ଗ୍ରା ପାରାକ୍ୱାଟ) ପ୍ରୟୋଗ କରି ବା ହଳ କରି ଏହାକୁ ମାରି ଦିଆଯାଏ । ଏହାପରେ ଧାନ ବୁଣାଯାଏ । ଏହାଦ୍ୱାରା ଧାନ କିଆରୀରେ ଅନାବନା ଘାସ ବା ବାଲୁଙ୍ଗା ଧାନ ଗଛ ସଂଖ୍ୟା କମିଯାଇଥାଏ ।

**ଖ) ଫସଲ ପଦ୍ଧତିରେ ପରିବର୍ତ୍ତନ:** ପ୍ରତି ୨-୩ ବର୍ଷ ଅବସରରେ ଶୁଷ୍କ ବୁଣାଧାନ ବଦଳରେ ଧାନ ରୋଇବା (ହାତରେ ବା ଯନ୍ତ୍ର ସାହାଯ୍ୟରେ) ଦରକାର । ଏହାଦ୍ୱାରା ବାଲୁଙ୍ଗାଧାନ ଓ କେତେକ ନିର୍ଦ୍ଦିଷ୍ଟ ଘାସ ସଂଖ୍ୟା ବୃଦ୍ଧିକୁ ରୋକାଯାଇପାରିବ ।

## ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ:

୨. ଶୁଷ୍କ ଧାନବୁଣା ପଦ୍ଧତିରେ ଘାସ ଦମନ ପାଇଁ ଘାସ ଗଜା ହେବା ପୂର୍ବରୁ ଓ ଗଜାହେବା ପରେ ଔଷଧ ପ୍ରୟୋଗ କରିବା ଆବଶ୍ୟକ ପ୍ରୟୋଗ ମାତ୍ରା, ସମୟ ଓ ପ୍ରୟୋଗ ବିଧି ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

### (କ) ଗଜା ହେବା ପୂର୍ବ ଔଷଧ (ଯେକୌଣସି ଗୋଟିଏ ବ୍ୟବହାର କରନ୍ତୁ):

| କ୍ରମିକ ନଂ. | ଘାସ ମରା ଔଷଧ | ଏକର ପ୍ରତି ଉତ୍ପାଦ | କେଉଁ ଘାସ ଦମନ ହେବ |
|---|---|---|---|
| ୧ | ପ୍ରେଟିଲାକ୍ଲୋର ସହିତ ସାଫନର (ସୋଫିଟ୍) | ୬୦୦ ଗ୍ରାମ୍ | କେତେକ ସରୁପତ୍ର ଓ ଚଉଡାପତ୍ର ଘାସ, ବିଲୁଆ ଲାଞ୍ଜି, ଫୁଲୁଫୁଲିଆ, କାଉପାଦିଆ |
| ୨ | ଅକସିଡାୟାର୍ଜିଲ (ଟପ ଷ୍ଟାର) | ୫୦ ଗ୍ରାମ୍ | କେତେକ ସରୁପତ୍ର ଓ ଚଉଡାପତ୍ର ଘାସ, ବିଲୁଆ ଲାଞ୍ଜି, ଫୁଲୁଫୁଲିଆ, କାଉପାଦିଆ |

ପ୍ରୟୋଗ ସମୟ: ବତରବୁଣା କ୍ଷେତ୍ରରେ ସେହି ଔଷଧ ପ୍ରୟୋଗ କରିବା ଆବଶ୍ୟକ । ଶୁଖିଲା ବୁଣା କ୍ଷେତ୍ରରେ ବୁଣିବା/ଜଳସେଚନ/ବୃଷ୍ଟିପାତର ୧-୩ ଦିନ ପରେ ଔଷଧ ପ୍ରୟୋଗ କରବାକୁ ହେବ ।

## (ଖ) ଗଜା ହେବା ପରେ ଔଷଧ (ଘାସର ଉପସ୍ଥିତି ଅନୁସାରେ ଔଷଧ ଚୟନ କରିବାକୁ ହେବ)

| କ୍ରମିକ ନଂ. | ଘାସ ମରା ଔଷଧ | ଏକର ପ୍ରତି ଉତ୍ପାଦ | କେଉଁ ଘାସ ଦମନ ହେବ |
|---|---|---|---|
| ୧ | ବିସପିରିବାକ ସୋଡିୟମ ନୋମିନି ଗୋଲଡ/ତାରକ/ ଆଡୋରା* | ୮୦-୧୦୦ ମି.ଲି. | କୋଦୁଅ ପରି ସରୁପତ୍ର ଘାସ ଓ କେତେକ ଚଉଡା ପତ୍ର ଘାସ |
| ୨ | ବିସପିରିବାକ ସୋଡିୟମ+ପାଇରାଜୋ ସଲଫ୍ୟୁରନ୍ (ଟାଙ୍କି ମିଶ୍ରଣ) ନୋମିନି ଗୋଲଡ/ତାରକା ଆଡୋରା+ ସାଥି | ୧୦୦ ମିଲି + ୮୦ ଗ୍ରାମ୍ | କୋଦୁଅ ପରି ସରୁପତ୍ର ଘାସ ଓ କେତେକ ଚଉଡା ପତ୍ର ଘାସ |
| ୩ | ସାଫନର ସହିତ ଫେରୋକ୍ସା ପ୍ରପ+ ଏଥୋକ୍ସି ସଲଫ୍ୟୁରନ୍ (ରାଇସ୍ ଷ୍ଟାର+ ସନରାଇସ) | ୩୫୦-୪୦୦ ମିଲି+ ୫୦ ଗ୍ରାମ୍ | ବିଲୁଆ ଲାଞ୍ଜି ଓ ଫୁଲ ଫୁଲିଆ ସରୁ ପତ୍ର ଘାସ, ଚଉଡା ପତ୍ର ଘାସ, ମୁଥା ଜାତୀୟ ଘାସ |
| ୪ | ୨,୪ଡି ଇଥାଇଲ୍ ଇଷ୍ଟର (୨,୪-ଡି ଇଥାଇଲ୍ ଇଷ୍ଟର) | ୫୦୦ ମିଲି | ମୁଥା ଜାତୀୟ ଘାସ ଓ ଚଉଡା ପତ୍ର ଘାସ |
| ୫ | ଏଥୋକ୍ସି ସଲଫ୍ୟୁରନ (ସନରାଇସ) | ୫୦ ଗ୍ରାମ୍ | ମୁଥା ଜାତୀୟ ଘାସ ଓ ଚଉଡା ପତ୍ର ଘାସ |
| ୬ | କ୍ଲୋରିମୁରନ+ ମେଟା ସଲଫ୍ୟୁରନ ପୂର୍ବ ପ୍ରସ୍ତୁତ (ଆଲମିକ୍ସ) | ୮ ଗ୍ରାମ୍ | ମୁଥା ଜାତୀୟ ଘାସ ଓ ଚଉଡା ପତ୍ର ଘାସ |

* ଏହି ଉତ୍ପାଦକୁ ସୁପାରିଶ ବୋଲି ଭାବିବା ଉଚିତ୍ ନୁହେଁ।

**ପ୍ରୟୋଗ ସମୟ :** ବୁଣିବାର ୧୫-୨୫ ଦିନ ପରେ ଯେତେବେଳେ ଘାସଗୁଡିକ ୩-୪ ପତ୍ରର ହୋଇଥିବ।


ସୁଆଁ


କାଉପାଦିଆ


ଚଉଡାପତ୍ର ଘାସ


ମୁଥା

**ଘାସ ଗଜାହେବା ପୂର୍ବ ଓ ପରବର୍ତ୍ତୀ ଔଷଧର ପ୍ରୟୋଗ ବିଧି:**

- ଫ୍ଲାଟ୍ ଫ୍ୟାନ ନୋଜଲ ସହିତ ଏକାଧିକ ନୋଜଲ ଥିବା ସ୍ପ୍ରେୟର ବ୍ୟବହାର କରନ୍ତୁ । ଗୋଟିଏ ନୋଜଲ ଥିବା ସ୍ପ୍ରେୟର ବ୍ୟବହାର କରୁଥିଲେ ଫ୍ଲଡ ଜେଟ/ କଟ ଟାଇପ୍ ନୋଜଲ ପସନ୍ଦ କରନ୍ତୁ । ଘାସ ମରା ଔଷଧ ପ୍ରୟୋଗ ପାଇଁ କୋନ ଆକାରର ନୋଜଲ ବ୍ୟବହାର କରନ୍ତୁ ନାହିଁ ।

**ଦ୍ରବଣ ପ୍ରସ୍ତୁତି ପ୍ରଣାଳୀ**

- ଗୋଟିଏ ବାଲତିରେ ୧୨ ଗ୍ଲାସ/ ମଗ/ ପାତ୍ର (ଏକରକୁ ଯେତେ ସ୍ପ୍ରେୟର ପାଣି ବ୍ୟବହାର ହେବ ସେତିକି) ପାଣି ନିଆଯାଉ । ଶେଷ ପାତ୍ରରେ ପାଣି ସହିତ ଆବଶ୍ୟକ ପରିମାଣର ଘାସ ମରା ଔଷଧ ନେଇ ବାଲତିରେ ରଖାଯାଏ । ଏହାକୁ ଭଲ ଭାବେ ମିଶାଇ ଦିଆଯାଉ ।
- ଗୋଟିଏ ୧୫ ଲିଟର ସ୍ପ୍ରେୟାରରେ ଅଧା ପାଣି ନିଆଯାଇ ତା ମଧ୍ୟରେ ଏକ ମଗ ଔଷଧ ଦ୍ରବଣ ମିଶାଯାଉ । ସ୍ପ୍ରେୟରରେ ପାଣି ଭର୍ତ୍ତି କରି ଭଲ ଭାବେ ଘାଣ୍ଟି ଦିଆଯାଉ । ଦ୍ରବଣକୁ ଘାଣ୍ଟି ପ୍ରତିଥର ଏହି ଭଳି ସ୍ପ୍ରେୟାରରେ ଔଷଧ ନିଆଯାଉ । ଏକ ଏକର ପାଇଁ ୧୨-୧୩ ସ୍ପ୍ରେୟର ପାଣି ଦରକାର ହୋଇଥାଏ ।

ଗ. ହାତରେ ବା ଯାନ୍ତ୍ରିକ ଉପାୟରେ ଘାସ ଦମନ: ଆବଶ୍ୟକ ହେଲେ ଥରେ ହାତରେ ବାଛି ବା ୱିଡର ସାହାଯ୍ୟରେ ଘାସ ଦମନ କରିବାକୁ ହେବ । ଏହା ଦ୍ୱାରା ନ ମରି ରହିଯାଇଥିବା ଘାସ ଦମନ କରିହେବ ।

## ସୁରକ୍ଷା ବ୍ୟବସ୍ଥା

- ଔଷଧର ବିଷାକ୍ତ ପ୍ରଭାବ ଓ ସୁରକ୍ଷା ବିଷୟରେ ଜାଣିବା ପାଇଁ ଏହା ଉପରେ ଥିବା ଲେଖା ପାଠ କରନ୍ତୁ ।
- ଔଷଧ ବ୍ୟବହାର ବେଳେ ପ୍ଲାଷ୍ଟିକ ଗ୍ଲୋଭ ଓ ଚଷମା ପିନ୍ଧିବା ସହିତ ମୁହଁ ଓ ଶରୀରକୁ ସଂପୂର୍ଣ୍ଣ ଆବୃତ ରଖନ୍ତୁ ।
- ଔଷଧ ବ୍ୟବହାର ପରେ ହାତକୁ ଭଲଭାବେ ସାବୁନରେ ସଫା କରନ୍ତୁ ।
- ବ୍ୟବହାର ପରେ ଖାଲି ଔଷଧ ଡ଼ବାକୁ ପୋତି ଦିଅନ୍ତୁ ।
- ଔଷଧ ପ୍ରୟୋଗ ପରେ ସମସ୍ତ ପୋଷାକକୁ ଭଲ ଭାବେ ସଫା କରନ୍ତୁ ।



# କୀଟ ପରିଚାଳନା

| କୀଟ ଆକ୍ରମଣର ଅବସ୍ଥା | କୀଟର ନାମ | ପ୍ରତିକାର ବ୍ୟବସ୍ଥା |
|---|---|---|
| ଫସଲ ଅଭିବୃଦ୍ଧି (ଥୋଡ଼ ହେବା ପୂର୍ବ) ଅବସ୍ଥା | କାଣ୍ଡବିନ୍ଧା ପୋକ | • ରୋଇବା ବେଳେ ଚାରାଗଛର ଅଗପତ୍ର ଛିଣ୍ଡାଇ ଦେଲେ ପୋକର ଅଣ୍ଡା ନଷ୍ଟ ହୋଇଥାଏ।<br>• କିଆରୀକୁ ପରିଷ୍କାର ରଖିବା ସହିତ ପୁରୁଣାମୂଳକୁ ନଷ୍ଟ କରିବା<br>• ଏକର ପ୍ରତି ୪ କି.ଗ୍ରା ଫୋରେଟ ୧୦ ଜି (ଫୋରାଟକ୍ସ/ଫୋରାକ୍ସ/ଥିମେଟ ରନାମେଟ) ଅଥବା<br>• ଏକର ପ୍ରତି ୧୦ କ୍ରି.ଗ୍ରା ଫିପ୍ରୋନିଲ ୦.୩ ଜି (ରିଜେଣ୍ଟ/ମହାବୀର/ଫୌଜି/ଶ୍ରୀରାମ/ଫିପ୍ରୋପ୍ଲସ) ବ୍ୟବହାର କରନ୍ତୁ। |
| | ପତ୍ର ମୋଡ଼ା ପୋକ | • ଏକର ପ୍ରତି ୧୬୦ ମି.ଲି ଟ୍ରାୟାଜୋଫସ ୪୦ ଇସି (ଟ୍ରାଜନ/ଘାତକ/ଟ୍ରାୟାଜୋପ୍ଲସ/ଟ୍ରିପ) ପ୍ରୟୋଗ କରନ୍ତୁ। କିମ୍ୱା<br>• ଏକର ପ୍ରତି ୬୦୦ ମି.ଲି କ୍ଲୋରୋପାଇରିଫସ ପ୍ରୟୋଗ କରନ୍ତୁ। |
| ଥୋଡ଼ହେବା ପର ଅବସ୍ଥା | ପତ୍ର ମୋଡ଼ା ପୋକ, ଧଳା ପିଠିଆ ମାଟିଆଗୁଣ୍ଡି ପୋକ | • ଏକର ପ୍ରତି ୫୦ ମିଲି ଇମିଡ଼ାକ୍ଲୋପ୍ରିଡ଼ ୨୦୦ ଏସଏଲ (କୋରାଫିଡ଼ର /ହିଲମିଡ଼ା/ତ୍ରିଶୂଳ) ସ୍ପ୍ରେ କରନ୍ତୁ କିମ୍ୱା<br>• ଏକର ପ୍ରତି ୪୦ ଗ୍ରାମ ଥାୟାମେଥୋକ୍ସାମ ୨୫ ଡ଼ବଲୁଜି (ଏକଜାମ/ଥାୟୋଗାର୍ଡ଼/ଏଭିଡ଼େଣ୍ଟ) ପ୍ରୟୋଗ କରନ୍ତୁ। |
| | କାଣ୍ଡ ବିନ୍ଧା ପୋକ | • ଏକର ପ୍ରତି ୮୦୦ ମି.ଲି. କ୍ଲୋରୋପାଇରିବସି ୨୦ ପ୍ରୟୋଗ କରନ୍ତୁ । କିମ୍ୱା<br>• ଏକର ପ୍ରତି ୬୦୦ ମି.ଲି କୁଇନାଲଫସ ୨୫ ଇସି (କ୍ରସ/କୁଇକ/ଇକାଲକସ୍) ପ୍ରୟୋଗ କରନ୍ତୁ। |
| | ପତ୍ର ମୋଡ଼ା ପୋକ, କାଣ୍ଡକଟା ଝିଣ୍ଟିକା | • ଏକର ପ୍ରତି ୨୦୦ ମି.ଲି. ଟ୍ରାୟାଜୋଫସ ୪୦ ଇସି ପ୍ରୟୋଗ କରନ୍ତୁ। କିମ୍ୱା<br>• ଏକର ପ୍ରତି ୮୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇସି ପ୍ରୟୋଗ କରନ୍ତୁ। |



କାଣ୍ଡ ବିନ୍ଧା ପୋକ



ପତ୍ର ମୋଡା ପୋକ



ପତ୍ର ମୋଡା ମଥ୍



ମାଟିଆଗୁଣ୍ଡି ପୋକ

# ରୋଗ ପରିଚାଳନା

| ରୋଗ ହେବାର ଅବସ୍ଥା | ରୋଗର ନାମ | ପ୍ରତିକାର ବ୍ୟବସ୍ଥା |
|---|---|---|
| ଫସଲ ଅଭିବୃଦ୍ଧି (ଥୋଡ଼ ପୂର୍ବ) ଅବସ୍ଥା | ମହିଷା ରୋଗ | • ରୋଗ ହେବାର ଆଶଙ୍କା ଥିବା ସ୍ଥାନରେ ଟ୍ରାଇସାଇକ୍ଲାଜୋଲ ୭୫ ଡବଲୁପି (କମ, ବାନ୍/ନ୍ୟୁଏଜ) ସହିତ ବହନ ବିଶୋଧନ କରନ୍ତୁ।<br>• ପ୍ରତି ଲିଟର ପାଣି ସହିତ ୦.୬ ଗ୍ରାମ ଟ୍ରାଇସାଇକ୍ଲାଜୋଲ ୭୫ ଡବଲୁପି ମିଶାଇ ସ୍ପ୍ରେ କରନ୍ତୁ। କିମ୍ବା<br>• ପ୍ରତି କିଲୋଗ୍ରାମ ବହନ ସହିତ ୨ ଗ୍ରାମ କାର୍ବେଣ୍ଡାଜିମ ୫୦ ଡବଲୁପି (ବାଭିଷ୍ଟିନ/କ୍ୟୁରାଟର) ମିଶାଇ ବିଶୋଧନ କରନ୍ତୁ। |
| | ପତ୍ରାଚ୍ଛାଦ ପୋଡ଼ା ରୋଗ | • ପ୍ରତି ଲିଟର ପାଣି ସହିତ ୨.୫ ମି.ଲି ଭାଲିଡ଼ାମାଇସିନ ୩ ଏଲ (ସିଥମାର / ଡ଼େଲକ୍ରିନ) ମିଶାଇ ସ୍ପ୍ରେ କରନ୍ତୁ।<br>• ପ୍ରତିଲିଟର ପାଣି ସହିତ ୨ ମି.ଲି. ହେକ୍ସାକୋନାଜଲ ୫ ଇସି (କଣ୍ଟାଫ/ ମାଶ୍/ ସମାଧାନ ପ୍ଲସ) ପ୍ରୟୋଗ କରନ୍ତୁ।<br>• ପିଲ ଅବସ୍ଥାରେ ଦିଆଯାଉଥିବା ଯବକ୍ଷାରସାର ପରିମାଣ କମାନ୍ତୁ ବା ଏହାର ପ୍ରୟୋଗକୁ ବିଳମ୍ବ କରନ୍ତୁ। ଏହାକୁ ୨-୩ କିସ୍ତିରେ ପ୍ରୟୋଗ କରନ୍ତୁ। |
| | ପତ୍ରଦାଗ ରୋଗ | • ରୋଗ ହେବାର ଆଶଙ୍କା ଥିବା ଅଞ୍ଚଳରେ ପ୍ରତି କିଲୋଗ୍ରାମ ବିହନ ସହିତ ୨ ଗ୍ରାମ କାର୍ବେଣ୍ଡାଜିମ ୫୦ ଡବଲୁପି ମିଶ୍ରଣ ମିଶାଇ ବିଶୋଧନ କରନ୍ତୁ। କିମ୍ବା ଏହି ଔଷଧକୁ (ସାଫ/ ସଫାୟା/ସିକ୍ସର) ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ ମିଶାଇ ସ୍ପ୍ରେ କରନ୍ତୁ। |
| ଥୋଡ଼ ପର ଅବସ୍ଥା | ସାଆର ରୋଗ | • ଫୁଲ ହେବାବେଳେ ପ୍ରତିଲିଟର ପାଣି ସହିତ ୧ ମି.ଲି ହିସବରେ ପ୍ରୋପିକୋନାଜଲ ୨୫ଇସି (ଟିଲ୍ଟ/ ରେଜଲଟ/ରିଜୋଲ) ମିଶାଇ ସ୍ପ୍ରେ କରନ୍ତୁ। |

* ପ୍ରଦତ୍ତ ବ୍ୟବସାୟିକ ଉତ୍ପାଦକୁ ସୁପାରିଶ କରାଯାଉଥିବା ଭାବିବା ଉଚିତ୍ ନୁହେଁ।


ସାଆର ରୋଗ


ପତ୍ରଦାଗ ରୋଗ


ମହିଷାରୋଗ


ପତ୍ରାଚ୍ଛଦ ପୋଡ଼ା ରୋଗ

# ବୁଣିବା ପାଇଁ ଯନ୍ତ୍ରପାତି

## ବିହନ ଓ ସାରବୁଣା ଯନ୍ତ୍ର (ବା ବିବିଧ ଫସଲ ବୁଣା ଯନ୍ତ୍ର)

ବିହନ ମିଟରିଂ ଉପକରଣ ଓ ସାର ପକାଇବା ଉପକରଣ ସହ ସଂଯୁକ୍ତ ଥାଇ ବିହନ ବୁଣା ଯନ୍ତ୍ର ସବୁଆଡ଼େ ସମାନ ଭାବରେ ସାର ଓ ବିହନ ବୁଣିଥାଏ ।



1. Frame, 2. Furrow opener, 3. Tines, 4. Fertilizer box, 5. Seed box, 6. Chain and gear drives, 7. Drive wheel, 8. Depth control wheel, 9. Fertilizer delivery pipe, 10. Seed pipe, 11. Fertilizer rate adjusting nut, 12. Seed rate adjusting strip

# ପ୍ରମୁଖ ଅଂଶ

## ଫ୍ରେମ୍

ଲୁହା ଆଙ୍ଗଲ ସହିତ ଅନେକ କ୍ଷୁଦ୍ର ଲୌହ ଖଣ୍ଡକୁ ନେଇ ଫ୍ରେମ ଗଠିତ ହୋଇଥାଏ । ବିହନ ଓ ସାରବୁଣା ଯନ୍ତ୍ରର ଏହା ଶରୀର ପରି କାର୍ଯ୍ୟକରେ । କ୍ଲାମ୍ପ ଓ ବୋଲଟ୍ ସାହାଯ୍ୟରେ ଏହା ସହିତ ଟାଇନ୍ ସଂଯୋଗ ହୋଇଥାଏ ।



## ବିହନ ବାକ୍ସ

ଇସ୍ପାତ ବା ଦସ୍ତା ମିଶ୍ରିତ ଲୌହରେ ନିର୍ମିତ ଏହି ବାକସ ଉପରେ ଏକ ଘୋଡ଼ଣି ରହିଥାଏ । ବିହନ ଲାଗି ନ ଯିବା ପାଇଁ ବେଳେବେଳେ ଏଥିରେ ଏକ ଅନ୍ଦୋଳକ ରହିଥାଏ ।



## ସାର ବାକ୍ସ

ଏହା ବିହନ ବକ୍ସ ତିଆରି ହୋଇଥିବା ଧାତୁରେ ନିର୍ମିତ (ସାର ବାକ୍ସ ଆଗରେ ରହେ ଓ ବିହନ ବକ୍ସ) ପଛରେ ରହିଥାଏ । ନଅଧାଡ଼ିଆ ବହନ ଓ ସାରବୁଣା ଯନ୍ତ୍ର ପାଇଁ ଏହାର ଲମ୍ବ ପ୍ରାୟ ୧୮୦ ସେ.ମି. ହୋଇଥାଏ ।



## ଚାଳକ ଚକ (ଡ୍ରାଇଭ ହ୍ୱିଲ)

ଚାଳକ ଚକ ଫ୍ରେମ୍‌ର ସମ୍ମୁଖ ଦଣ୍ଡର ମଝିଭାଗରେ ସଂଯୁକ୍ତ ହୋଇଥାଏ । ଏହା ଦ୍ୱାରା ବିହନ ଓ ସାର ମିଟରିଂ ଗିଅରକୁ ପ୍ରବାହ କରାଯାଏ । ଚାଳକ ସାଫ୍‌ଟ ସହିତ ଚେନ୍ ସଂଯୁକ୍ତ ହୋଇଥାଏ । ଖସି ନ ଯିବା ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥାଏ ।



## ଗଭୀରତା ନିୟନ୍ତ୍ରକ ଚକ

ମୁଖ୍ୟ ଦଣ୍ଡ ସହିତ ଦୁଇଟି ପାର୍ଶ୍ୱ ଚକ ଖଞ୍ଜା ଯାଇଥାଏ । ଉପଯୁକ୍ତ ଗଭୀରତାରେ ସାର ଓ ବିହନ ପକାଇବା ନିମନ୍ତେ ଗଭୀରତା ନିୟନ୍ତ୍ରକ ସ୍କ୍ରୁ ଟାଇଟ କଲେ ସାର ଓ ବିହନ ପଡିବାର ଗଭୀରତା ବୃଦ୍ଧି ପାଇଥାଏ ଏବଂ ଢ଼ିଲା କଲେ ଏହି ଗଭୀରତା କମ ହୋଇଥାଏ ।



## ସିଆର କରିବା ଉପକରଣ

ଗୋଟିଏ ଅଞ୍ଚଳର ମୃତ୍ତିକାକୁ ନଜରରେ ରଖି ସିଆର କରିବା ଉପକରଣ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ଅଧିକାଂଶ ସାର ଓ ବିହନ ବୁଣା ଯନ୍ତ୍ରରେ ମାଟି ଭିତରେ ଅତି ସରୁ ସିଆର କରିବା ନିମନ୍ତେ ଗୋଟିଏ ମୁନିଆ ଅଂଶ (ଓଲଟା ଟି ଟାଇନ) ରହିଥାଏ । ଏହାଦ୍ୱାରା ମାଟି ଭିତରେ ବିହନ ଉପଯୁକ୍ତ ଭାବେ ପଡ଼ିଥାଏ ।



## ବିହନ ଘୋଡ଼ାଇବା ଉପକରଣ

ଏହି ଉପକରଣ ବିହନ ଓ ସାର ବୁଣିବା ପରେ ସିଆରକୁ ବନ୍ଦ କରିଥାଏ । ସାଧାରଣତଃ ବିଭିନ୍ନ ଆକାର ଓ ଆକୃତିର ପଟା, ଫ୍ଲାପର, ଚେନ୍, ଡ୍ରାଗ, ପ୍ୟାକର, ରୋଲର, ସ୍ପ୍ରିଂ ଲଗାଚକ ଦ୍ୱାରା ବିହନ ଘୋଡ଼ା ଯାଇଥାଏ ।



# ବିହନ ମିଟରିଂ ବ୍ୟବସ୍ଥା

### ଆନତ ପ୍ଲେଟ

ଖୋପଥିବା ଆନଟ ପ୍ଲେଟ ସାହାଯ୍ୟରେ ବିହନକୁ ଗୋଟି ଗୋଟି କରି ବା ପୁଞ୍ଜି କରି ଜମିରେ ପକାଯାଏ । ଖୋପଗୁଡ଼ିକର ନିର୍ମାଣ ଶୈଳୀ ଉପରେ ନିର୍ଭର କରି ଏହା କରାଯାଇଥାଏ ।



### ଖୋପଥିବା ରୋଲର

ଖୋପ ଥିବା ରୋଲର ମୁଖ୍ୟ ଦଣ୍ଡ ସହିତ ସଂଯୁକ୍ତ ଥାଏ । ଦଣ୍ଡ ଘୂରିବା ସହିତ ରୋଲର ଘୂରିଥାଏ । ଏହା ଫଳରେ ନିୟନ୍ତ୍ରକ ପାତ ମାଧ୍ୟମ ଦେଇ ବିହନ ବୁଣିବା ପାଇପକୁ ଯାଇଥାଏ ।



### ଘରାଥିବା ରୋଲର

ଏହି ରୋଲରରେ ଥିବା ଘରା ମାଧ୍ୟମ ଦେଇ ବିହନ ଗୁଡ଼ିକ ବୁଣିବା ପାଇପକୁ ଯାଇଥାଏ ।



ଶୁଷ୍କ ବୁଣାଧାନ ପାଇଁ ଆନତ ପ୍ଲେଟ ବିହନ ମିଟରିଂ ବ୍ୟବସ୍ଥା ବେଶ ଉପଯୋଗୀ । ଅନ୍ୟାନ୍ୟ ଫସଲ ଯଥା ଗହମ, ମକା, ଡ଼ାଲିଜାତୀୟ ଫସଲ ଓ ତୈଳବୀଜ ଫସଲ ବୁଣିବା ପାଇଁ ଏହା ମଧ୍ୟ ଉପଯୋଗୀ ହୋଇପାରିବ । ଆଜିକାଲି ଉଭୟ ଆନତ ପ୍ଲେଟ ଓ ଖୋପଥିବା ରୋଲର ସଂଯୁକ୍ତ ଥାଇ ବିବିଧ ଫସଲବୁଣା ଯନ୍ତ୍ର ମିଳିଲାଣି । ଏଥିରେ ସାରବାକ୍ସ ସହିତ ଦୁଇଟି ବିହନ୍ ବାକ୍ସ ମଧ୍ୟ ସଂଯୁକ୍ତ ହୋଇଥାଏ ।

# ବିହନ ବୁଣା ଯନ୍ତ୍ରର କ୍ରମାଙ୍କନ

### (କ) ପରୀକ୍ଷାଗାରରେ କ୍ରମାଙ୍କନ

ଚାଳକ ଚକକୁ ହାତରେ ୧୦ ଥର ଘୂରାଇ ପ୍ରତି ନିଷ୍କାସନ ଟ୍ୟୁବରୁ ନିର୍ଗତ ହେଉଥିବା ସାର / ବିହନକୁ ଅଲଗା ଭାଗେ ସଂଗ୍ରହ କରାଯାଏ । ପ୍ରତି ଟାଇନ ସହିତ ଲଗାଯାଇଥିବା ଜରିମୁଣା ସାହାଯ୍ୟରେ ଏହା ସଂଗ୍ରହ କରାଯାଏ ।

### କିପରି କରାଯିବ

- ଚାଳକ ଚକର ପରିଧିମାପ କରନ୍ତୁ ।

  ୨ × ୩.୧୪ × ଚକର ବ୍ୟାସାର୍ଦ୍ଧ ( ୨ $\pi$ ଆର)
- ସାର ଓ ବିହନ ବୁଣା ଯନ୍ତ୍ରର ଓସାର ମାପ କରନ୍ତୁ । (ଟାଇନ ସଂଖ୍ୟା ×ଟାଇନ ମଧ୍ୟରେ ଥିବା ଦୂରତା)
- ଚାଳକ ଚକକୁ ୧୦ ଥର ହାତରେ ଘୂରାନ୍ତୁ ।
- ପ୍ରତି ପାଇପରୁ ସଂଗୃହୀତ ସାର ଓ ବିହନକୁ ଅଲଗା ଭାବେ ସଂଗ୍ରହ କରି ଓଜନ କରନ୍ତୁ । ଏହାକୁ ଗ୍ରାମ୍‌ରେ ପ୍ରକାଶ କରନ୍ତୁ ।

**ହିସାବ :**

ନିମ୍ନ ସୂତ୍ର ବ୍ୟବହାର କରି ସାର ଓ ବିହନ ପରିମାଣ ନିର୍ଣ୍ଣୟ କରନ୍ତୁ ।

$$\text{ବିହନ ବା ସାର ପରିମାଣ (ହେକ୍ଟର ପ୍ରତି କି.ଗ୍ରା.)} = \frac{\text{୧୦ ଥର ଘୂରିବା ଦ୍ୱାରା ମିଳିଥିବା ସାର ଓ ବିହନର ଓଜନ (ଗ୍ରାମ)}}{\text{ଚାଳକ ଚକର ପରିଧି ମିଟର} \times \text{ସାର ଓ ବିହନ ବୁଣାଯନ୍ତ୍ରର ଓସାର (ମିଟର)}}$$

ଯଦି ଅନୁମୋଦିତ ହାରରେ ସାର ବା ବିହନ ପଡୁ ନଥାଏ, ତେବେ ସୂଚକାଙ୍କ ବା ସେଟିଂ ଦଣ୍ଡକୁ କମ୍ ବା ବେଶି କରି ପୁଣିଥରେ ଏହି ପଦ୍ଧତିରେ କ୍ରମାଙ୍କନ କରନ୍ତୁ ।

### (ଖ) ଜମିରେ କ୍ରମାଙ୍କନ

ଜମିରେ ସାର ଓ ବିହନ ବୁଣା ଯନ୍ତ୍ରକୁ ୨୦ ମିଟର ଚଳାନ୍ତୁ । ପ୍ରତି ନିର୍ଗମନ ପାଇପରୁ ଆସୁଥିବା ସାର ଓ ବିହନକୁ ଅଲଗା ଭାବେ ଏଥି ସହ ସଂଯୁକ୍ତ ଜରି ମୁଣାରେ ସଂଗ୍ରହ କରି ରଖନ୍ତୁ ।

### କାର୍ଯ୍ୟ ପଦ୍ଧତି

- ଜମିରେ ବିହନ ବୁଣାଯନ୍ତ୍ରକୁ ୨୦ ମିଟର ପର୍ଯ୍ୟନ୍ତ ଚଳାନ୍ତୁ ।
- ପ୍ରତ୍ୟେକ ପାଇପରେ ଆସୁଥିବା ବିହନ ଓ ସାରକୁ ପଲିଥିନ୍ ମୁଣାରେ ସଂଗ୍ରହ କରନ୍ତୁ ।
- ପ୍ରତ୍ୟେକ ପାଇପରେ ସଂଗୃହୀତ ସାର ଓ ବିହନକୁ ଓଜନ କରି ଗ୍ରାମ୍‌ରେ ପ୍ରକାଶ କରନ୍ତୁ ।



ସୂଚକାଙ୍କ ଦଣ୍ଡକୁ ବିହନ ଓ ସାର ଆବଶ୍ୟକୀୟ ନିର୍ଗମନ ହାରରେ ରଖନ୍ତୁ ।



ପଲିଥିନ ମୁଣାରେ ସାର ଓ ବିହନ ସଂଗ୍ରହ କରି ତାହାକୁ ଓଜନ କରନ୍ତୁ ।

### କିପରି କରାଯିବ

ତଳେ ପ୍ରଦାନ କରାଯାଇଥିବା ସୂତ୍ର ଅନୁସାରେ ସାର ଓ ବିହନ ପରିମାଣ ହିସାବ କରନ୍ତୁ ।

- ଏକ ଏକର = ୪୦୦୦ ବର୍ଗ ମିଟର
- ଦୂରତ୍ୱ = ୨୦ ମିଟର

ବିହନ ବା ସାର ପରିମାଣ (ଏକର ପ୍ରତିକିଗ୍ରା) = (୪୦୦୦ × ସାର ବା ବିହନର ଓଜନ (ଗ୍ରାମ)) / (ସାର ଓ ବିହନ ବୁଣା ଯନ୍ତ୍ରର ଓସାର (ମିଟର) × ଦୂରତ୍ୱ (୨୦ ମିଟର) × ୧୦୦୦)

ଯଦି ଅନୁମୋଦିତ ହାରରେ ସାର ବା ବିହନ ପଡୁ ନଥାଏ, ତେବେ ସୂଚକାଙ୍କ ବା ସେଟିଂ ଦଣ୍ଡକୁ କମ୍ ବା ବେଶି କରି ପୁଣିଥରେ ଏହି ପଦ୍ଧତିରେ କ୍ରମାଙ୍କନ କରନ୍ତୁ ।

ପ୍ରତ୍ୟେକ ପାଇପରୁ ସଂଗ୍ରହ କରାଯାଇଥିବା ବିହନ ବା ସାରର ପରିମାଣ ସମାନ ହେବା ଆବଶ୍ୟକ ।

## ଯନ୍ତ୍ରର ରକ୍ଷଣାବେକ୍ଷଣ

- ସାର ଓ ବିହନ ବୁଣା ଯନ୍ତ୍ରକୁ ମଝିରେ ମଝିରେ ତଦାରଖ କରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଉଚିତ୍ ।
- ବ୍ୟବହାର ପୂର୍ବରୁ ଦେଖିବା କଥା ଯେମିତି ସମସ୍ତ ନଟବୋଲ୍ଟ ଠିକ୍ ଭାବରେ ଲାଗିଛି ଓ ପ୍ରତ୍ୟେ ଅଂଶ ଭଲ ଅବସ୍ଥାରେ ରହିଛି ।
- ସାର ଓ ବିହନର ଉତ୍ତମ ନିର୍ଗମନ ନିମନ୍ତେ ସାର ଓ ବିହନ ବକ୍ସକୁ ଭଲ ଭାବେ ସଫାକରି ଉତ୍ତମ ଅବସ୍ଥାରେ ରଖିବା ଦରକାର ।
- ଚେନ୍ ଗୁଡିକୁ ଠିକ୍ ଭାବରେ ଲଗାଯିବା ସହିତ ଏଥିରେ ତେଲ ଦେବା ଆବଶ୍ୟକ ।
- ପ୍ରତ୍ୟେକ ଦିନ ବ୍ୟବହାର ପରେ ଯନ୍ତ୍ରକୁ ଭଲ ଭାବେ ତନଖି କରିବା ସହିତ ବିହନ ଓ ସାର ବାକ୍ସକୁ ସଫା କରିବା ଏବଂ ଚଳମାନ ଅଂଶରେ ତେଲ ଦେବା ଆବଶ୍ୟକ ।
- ବୁଣିବା ସମୟ ଶେଷ ହେବାପରେ ଯନ୍ତ୍ରକୁ ଉପଯୁକ୍ତ ଭାବେ ସାଇତି ରଖିବା ଦରକାର ।



# ଯନ୍ତ୍ରପାତି ସାଇତିବା ଓ ସମସ୍ୟାର ସମାଧାନ

- ବୁଣିବା ସମୟ ଶେଷ ହେଲେ ସାଇତି ରଖିବା ପାଇଁ ଯନ୍ତ୍ରର ସମସ୍ତ ଅଂଶ ବିଶେଷ କରି ସାର ଓ ବିହନ ବାକ୍ସକୁ ଭଲ ଭା ବେ ସଫା କରିବା ଆବଶ୍ୟକ ।
- ଚଳମାନ ଅଂଶ ଓ ଚେନରେ ଗ୍ରୀଜ ବା ତୈଳ ପ୍ରୟୋଗ କରିବା ଦରକାର ।
- ଯନ୍ତ୍ରକୁ ଉତ୍ତମ ପବନ ଚଳାଚଳ ହେଉଥିବା ଓ ଶୁଷ୍କ ସ୍ଥାନରେ ରଖିବା ଆବଶ୍ୟକ ।
- ଯନ୍ତ୍ର ସହିତ ଠିକ୍ ଜାଗାରେ ରେଞ୍ଚ, ସ୍କ୍ରୁଡ୍ରାଇଭର ତଥା ଅନ୍ୟାନ୍ୟ ଉପକରଣ ରଖନ୍ତୁ । ଯେପରି ଖୋଜିଲେ ସହଜରେ ମିଳିପାରିବ ।

## ସମସ୍ୟାର ସମାଧାନ

| ସମସ୍ୟା | କାରଣ | ସମାଧାନ |
|---|---|---|
| ଉପଯୁକ୍ତ ଗଭୀରତାରେ ବିହନ ନ ପଡ଼ିବା | ଗଭୀରତା ନିୟନ୍ତ୍ରଣ ହ୍ୱିଲ ଠିକ୍ ସ୍ଥାନରେ ରହିନାହିଁ । | ଗଭୀରତା ନିୟନ୍ତ୍ରଣ ହ୍ୱିଲ୍କୁ ଚଲାଇ ସିଆରର ଗଭୀରତା ଠିକ୍ କରନ୍ତୁ । |
| ବିଭିନ୍ନ ଧାଡ଼ିରେ ଭିନ୍ନ ଭିନ୍ନ ଗଭୀରତାରେ ବିହନ ପଡ଼ିବା | ତିନି ବିନ୍ଦୁର ସଂଯୋଗ ଠିକ୍ ଭାବେ ହୋଇ ନାହିଁ ।<br>ସିଆର କରିବା ଉପକରଣ ଠିକ୍ ଭାବେ ସଂଯୋଗ ହୋଇନାହିଁ । | ସାର ଓ ବିହନ ବୁଣା ଯନ୍ତ୍ରକୁ ସମତଳ ସ୍ଥାନରେ ରଖି ସିଆର କରିବା ଉପକରଣକୁ ସମାନ ସ୍ତରକୁ ଆଣନ୍ତୁ ।<br>ଉପର ସଂଯୋଗକୁ ଟାଇଟ କଲେ ଆଗ ଧାଡ଼ି ଗଭୀରତା ବଢ଼ିବା ସହିତ ପର ଧାଡ଼ିର ଗଭୀରତା ହ୍ରାସ ପାଇଥାଏ । ଏହାକୁ ଢ଼ିଲା କଲେ ବିପରୀତ ଫଳ ମିଳିଥାଏ । ଟ୍ରାକ୍ଟରର ଡ଼ାହାଣ ନିମ୍ନ ସଂଯୋଗ ସାହାଯ୍ୟରେ ସାର ଓ ବିହନ ବୁଣା ଯନ୍ତ୍ର ଭାରସାମ୍ୟ ଠିକ୍ କରନ୍ତୁ । |
| ବିହନ ବା ସାର ସିଆରରେ ପଡୁନାହିଁ । | ବିହନ ବା ସାର ବାକ୍ସ ଖାଲି ହୋଇଯାଇଛି । ଅଥବା ସାର ଓ ବିହନ ବାକ୍ସର ଗୋଟିଏ କଡ଼ରେ ଜମା ହୋଇଛି । | ବାକ୍ସରେ ସାର ଓ ବିହନ ଭର୍ତ୍ତି କରନ୍ତୁ । ଅଥବା ସାର ଓ ବିହନକୁ ବାକ୍ସ ଭିତରେ ସମଭାବରେ ରଖନ୍ତୁ । |

| ସମସ୍ୟା | କାରଣ | ସମାଧାନ |
|---|---|---|
| | ସିଆର କରିବା ଉପକରଣ ବା ନିର୍ଗମନ ପାଇପରେ କାଦୁଅ ଲାଗି ବନ୍ଦ ହୋଇଯାଇଛି । ଅଥବା ସାର ଓ ବିହନ ନିର୍ଗମନ ପାଇପ ବଙ୍କା ହୋଇଯାଇଛି । | ସିଆର କରିବା ଉପକରଣ ବା ସାର/ ବିହନ ନିର୍ଗମନ ପାଇପକୁ ସଫା କରନ୍ତୁ । ବଙ୍କା ହୋଇଥିଲେ ନିର୍ଗମନ ପାଇପକୁ ବଦଳାଇ ଦିଅନ୍ତୁ । |
| | ସାର / ବିହନ ପକାଇବା ଖୋପଯୁକ୍ତ ରୋଲର ମୁହଁ ବନ୍ଦ ହୋଇଯାଇଛି । | ଖୋପଯୁକ୍ତ ରୋଲର ସଫା କରନ୍ତୁ । |
| | ଚାଳକ ଚକ (ଡ୍ରାଇଭ ହ୍ୱିଲ) ମାଟିକୁ ଛୁଇଁ ନଥାଏ ବା ଘୋରି ହୋଇଗଲାଣି । | ସଂଯୋଗ ସ୍ଥାନକୁ ତଳୁଆ କରି ଡ୍ରାଇଭ ହ୍ୱିଲକୁ ମାଟି ସହିତ ଲଗାନ୍ତୁ । ଘୋରି ହୋଇ ଯାଇଥିଲେ ଚାଳକ ଚକ ପରିବର୍ତ୍ତନ କରନ୍ତୁ । ଚେନ ଠିକ୍ ଜାଗାରେ ଅଛି ବୋଲି ନିଶ୍ଚିତ ହୁଅନ୍ତୁ । |
| | ଚେନ ବା ସ୍ପ୍ରକେଟ ଛିଣ୍ଡି ଯାଇଥିଲେ । | ନଷ୍ଟ ହୋଇଥିବା ଅଂଶ ପରିବର୍ତ୍ତନ କରନ୍ତୁ |

## ଶୁଷ୍କ ବୁଣାଧାନର ସାଧାରଣ ସମସ୍ୟା (ବିଭିନ୍ନ ପକ୍ଷଙ୍କ ମତାମତ)

| ବିଷୟ | ସମସ୍ୟା | ମତାମତ |
|---|---|---|
| ଜମି ପ୍ରସ୍ତୁତି ଓ ଲେଜର ଲ୍ୟାଣ୍ଡ ଲେଭଲର | ଅଧିକାଂଶ ଚାଷୀ ଜମିକୁ ଠିକ୍ ଭାବେ ସମତୁଲ କରୁ ନଥିବାରୁ କେତେକ ସ୍ଥାନରେ ଉପଯୁକ୍ତ ଗଛ ସଂଖ୍ୟା ରହି ନଥାଏ । | ବିହନ ଓ ସାର ବୁଣାଯନ୍ତ୍ର ବ୍ୟବହାର କରି ଶୁଷ୍କ ବୁଣାଧାନରୁ ଅଧିକ ସୁଫଳ ପାଇବା ନିମନ୍ତେ ଜମିକୁ ସମତୁଲ କରିବାର ଗୁରୁତ୍ୱ ବିଷୟରେ ଲୋକମାନେ ବୁଝିବା ଦରକାର । |
| ବିହନ ବିଶୋଧନ | ଖୁବ୍ କମ ଚାଷୀ ବିଶୋଧିତ ବିହନ ବ୍ୟବହାର କରନ୍ତି । | ଉପଯୁକ୍ତ ବିହନ ବିଶୋଧନ ଉପରେ ଅଧିକ ସଚେତନତା ସୃଷ୍ଟି ହେବା ଦରକାର । |
| ଧାଡ଼ିକୁ ଧାଡ଼ି ବ୍ୟବଧାନ | ଧାଡ଼ି ଧାଡ଼ି ମଧ୍ୟରେ କମ୍ ବ୍ୟବଧାନ ରହୁଥିବାରୁ ଅନ୍ତଃ ଚାଷରେ ଅସୁବିଧା ହୋଇଥାଏ । | ଧାଡ଼ିକୁ ଧାଡ଼ି ବ୍ୟବଧାନ ୨୫-୩୦ ସେଣ୍ଟିମିଟର ରଖାଯାଇପାରେ । |
| ବୁଣିବା ସମୟ | ଶୀଘ୍ର ବିହନ ବୁଣା ଯାଉଥିବାରୁ ଭଲ ଗଜା ହୋଇ ନଥାଏ (ମେ ମାସ ଶେଷ ପକ୍ଷ) | ମେ ମାସ ୧୫ ତାରିଖରୁ ଜୁନ୍ ମାସ ୨୫ ତାରିଖ ମଧ୍ୟରେ ବିହନ ବୁଣାଯାଇପାରେ । |
| ଧାନ କିସମ | ସ୍ୱର୍ଣ୍ଣ ସବ-୧ ଓ ରାଣୀଧାନ ପାକଳ ହେବା ବେଳେ କିଆରୀରେ ପାଣିଥିବାରୁ ଚାଷୀମାନେ ଅମଳ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । | ଖାଲୁଆ ଅଞ୍ଚଳର ବିଳମ୍ବ କିସମର ଧାନ (ସିଆର ୧୦୦୯, ସିଆର ୧୦୦୯- ସବ୍ ୧) ବୁଣାଯାଇପାରେ । ଅଥବା ସ୍ୱର୍ଣ୍ଣ ସବ୍ - ୧ କୁ ବିଳମ୍ବରେ ବୁଣାଯାଇପାରେ । |

| ବିଷୟ | ସମସ୍ୟା | ମତାମତ |
|---|---|---|
| ବିହନ ବୁଣାଯନ୍ତ୍ର ଓ ଏହାକୁ ଚଳାଇବା | ଉପଯୁକ୍ତ ତାଲିକା ଅଭାବରୁ କେତେକ ଚାଳକ ଠିକ୍ ଭାବରେ ବୁଣିପାରନ୍ତି ନାହିଁ । ଏହି ଯନ୍ତ୍ର ମଧ୍ୟ ଠିକ୍ ସମୟରେ ଉପଲବ୍ଧ ହୁଏ ନାହିଁ । | ବିହନ ବୁଣା ଯନ୍ତ୍ର ଚଳାଉଥିବା ଲୋକମାନଙ୍କୁ ଅଧିକ ତାଲିମ ଦେବା ଆବଶ୍ୟକ । ଉତ୍ତମମାନର ବିହନ ବୁଣା ଯନ୍ତ୍ରର ଆବଶ୍ୟକତା ରହିଛି । |
| ଅନାବନା ଘାସ ପରିଚାଳନା | ଭୁଲ ପରିମାଣ ଓ ଭୁଲ ସମୟରେ ଘାସମରା ଔଷଧ ବ୍ୟବହାର । | ଘାସ ପରିଚାଳନା ଉପରେ ଅଧିକ ତାଲିମ ଓ ସଚେତନତାର ଆବଶ୍ୟକତା ରହିଛି । |
| ଖାଦ୍ୟସାର ପରିଚାଳନା | ଚାଷୀମାନେ ମୁଖ୍ୟତଃ ୟୁରିଆ ସାର ପ୍ରୟୋଗ କରନ୍ତି । ଲୋକମାନଙ୍କ ମନରେ ଭୁଲ ଧାରଣା ରହିଛି ଯେ ଯଦି ମୂଳସାର ହିସାବରେ ଡ଼ିଏପି ପ୍ରୟୋଗ କରାଯାଏ, ତେବେ ଏହା ବିହନକୁ ନଷ୍ଟ କରିଦେବା ସହିତ ବାଷ୍ପ ହୋଇ ଉଡ଼ିଯିବ । ତେଣୁ ବୁଣିବାର ୨୦-୨୫ ଦିନ ପରେ ଡ଼ିଏପି ସାର ପ୍ରୟୋଗ କରାଯାଇଥାଏ । | ଉପଯୁକ୍ତ ସମୟରେ ସୁଷମ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବାକୁ ହେବ । ଖାଦ୍ୟସାର ପରିଚାଳନାର ଗୁରୁତ୍ୱ ଓ ଏଥିରୁ ମିଳୁଥିବା ଲାଭ ବିଷୟରେ ଲୋକଙ୍କୁ ବୁଝାଇବାକୁ ପଡ଼ିବ । |
| ରୋଗ ପୋକ ପରିଚାଳନା | ଜମିରେ ଦେଖାଯାଉଥିବା ପ୍ରମୁଖ କୀଟମାନ ହେଲା ଦହିଆ ପୋକ ଓ ମାଟିଆଗୁଣ୍ଡି ପୋକ । | ଉପଯୁକ୍ତ ସମୟରେ କୀଟନାଶକ ଔଷଧ ବ୍ୟବହାର କଲେ ଏଥିରୁ ରକ୍ଷା ମିଳିପାରିବ । |

* ଶୁଷ୍କ ବୁଣାଧାନ ଅମଳ ପରେ ୨୦୧୫ ମସିହା ଡ଼ିସେମ୍ବର ଓ ୨୦୧୬ ମସିହା ଜାନୁୟାରୀ ମାସ ମଧ୍ୟରେ ସିସା ହବ ଟିମ ତରଫରୁ ଭଦ୍ରକ ଜିଲ୍ଲାର କ୍ଷୀର ସାହି, ଆଦିଆ ଗ୍ରାମ ଓ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବଂ ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ୍‌ରେ ମତାମତ ସଂଗ୍ରହ କାର୍ଯ୍ୟ କରାଯାଇଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ଉପନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏଟିଏମ, ବିଟିଏମ, ଗ୍ରାମ୍ୟ କୃଷି କର୍ମଚାରୀ, ଅଗ୍ରଣୀ କୃଷକ ଓ ସେବାପ୍ରଦାନ କାରୀମାନେ ଯୋଗ ଦେଇଥିଲେ । ଏଥିରେ ମୋଟ ୧୫୦ ଜଣ ଅଂଶ ଗ୍ରହଣ କରିଥିଲେ ।

## ଅଧିକ ତଥ୍ୟ ପାଇବା ପାଇଁ ଯୋଗଯୋଗ କରନ୍ତୁ :


### ରାଜ୍ୟ କୃଷି ବିଭାଗ, ଓଡ଼ିଶା

ଫୋ ନଂ - ୦୬୭୫୨ - ୨୨୩୦୦୭ (ପୁରୀ), ୦୬୭୮୪ - ୨୫୦୯୦୬ (ଭଦ୍ରକ)
୦୬୭୯୨ - ୨୫୨୭୪୩ (ମୟୂରଭଞ୍ଜ), ୦୬୭୮୨ - ୨୬୨୧୨୭ (ବାଲେଶ୍ୱର)

### ସିସା ହବ୍ କାର୍ଯ୍ୟାଳୟ

ଏଟିକ ବିଲଡ଼ିଙ୍ଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର - ୭୫୧୦୦୩
ମୋବାଇଲ : ୭୬୮୪୮୭୯୭୧୨ (ପୁରୀ), ୮୮୯୫୨୮୧୨୦୬ (ଭଦ୍ରକ)
୮୭୬୩୪୫୮୦୭୭ (ଯଶିପୁର), ୯୪୩୮୦୩୫୫୧୭ (ବେତନଟି)

# Note

# Note